<u>ପ୍ରେସ୍ ନୋଟ୍</u>

## ଜାତୀୟ ରାଜପଥ ୫୫ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ସମସ୍ୟାକୁ ନେଇ ପ୍ରସ୍ତୁତି ବୈଠକ ।

ଅନୁଗୋଳ,ତା. ୫.୭:- ଜାତୀୟ ରାଜପଥ ୫୫ର_ଅନୁଗୋଳରୁ ସମ୍ବଲପୁରର ପ୍ରଶସ୍ତିକରଣ ନିମନ୍ତେ ଆବଶ୍ୟକ ଆନୁସଂଗୀକ ସାମଗ୍ରୀ,ଶ୍ରମିକ ଓ ତଦାରଖ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଗାୟତ୍ରୀ କନଷ୍ଟ୍ରକସନ୍ ପ୍ରାଇଭେଟ ଲିଃର ଅଧସ୍ତନ ଉପ ଚୁକ୍ତିଭିତିକ ସଂସ୍ଥା (subordinate agency)ଦାୟିତ୍ୱ ନେଇଥିବା ଅଗ୍ରୱାଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃ କର୍ମଚାରୀମାନଂକର (ଗାୟତ୍ରୀ କନଷ୍ଟ୍ରକସନ୍ ପ୍ରାଇଭେଟ ଲିଃ) ବକେୟା ଓ ଅନ୍ୟାନ୍ୟ ଶ୍ରମିକ ପାଉଣା ଭେଣ୍ଡର୍ସ ଏବଂ ଯୋଗାଣକାରୀ ସଂସ୍ଥା ଇତ୍ୟାଦିକୁ ତାଂକର କ୍ୟାମ୍ପ ପରିଚାଳନା ନିମନ୍ତେ ଯୋଗାଇ ଦେବ । ଉପଯୁକ୍ତ ସମନ୍ୱୟ ରଖି ସମସ୍ତ ପ୍ରକାର ପାଉଣା ଚୁକ୍ତି କରିବା ସହ ଅଗ୍ରୱାଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃକୁ କ୍ୟାମ୍ପ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିବ । ବୈଠକରେ ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାର ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ସମସ୍ତ ତହସିଲଦାରମାନଂକୁ ବାଲି,ମେଟାଲ, ଚିପସ୍ ଏବଂ ଅନ୍ୟାନ୍ୟ ଆନୁସଂଗୀକ ଦ୍ରବ୍ୟ ଅସ୍ଥାୟୀ ପରମିଟ୍ ଭାବେ ନୂତନ ଏଜେନ୍ସିକୁ ପ୍ରଦାନ କରିବେ ବୋଲି ଅନୁରୋଧ କରାଯାଇଛି । କ୍ୟାମ୍ପ କାର୍ଯ୍ୟକାରିତାରେ ପରିଚାଳନା ଦାୟିତ୍ୱରେ ଥିବା ଲୋକ ଓ ଶ୍ରମିକମାନଂକର ପ୍ରତିକୁଳ ବିରୋଧ ସୃଷ୍ଟି ହେଉଥିବାରୁ କ୍ୟାମ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ । ତେଣୁ ଅଗ୍ରୱାଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃର ଅଧିକାରୀମାନେ ସମ୍ପୃକ୍ତ ଉପଜିଲ୍ଲାପାଳ ଓ ଉପଖଣ୍ଡ ପୋଲିସ ଅଧିକାରୀମାନଂକର ଆବଶ୍ୟକ ସ୍ଥଳେ ଆଇନ୍ ଶୃଙ୍ଖଳା ପରିସ୍ଥିତି ପାଇଁ ସହାୟତା ନେବାକୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇଡୁରା ଦିପ୍, ଡେପୁଟୀ କଲେକ୍ଟର ମନିଷା ଗୁପ୍ତା,ଗାୟତ୍ରୀ କନଷ୍ଟ୍ରକସନ୍ ପ୍ରାଇଭେଟ ଲିଃ, ଅଗ୍ରୱାଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୭୧ ତା.୦୫.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୦୫/୦୭/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।


realme
Shot on realme 9 Pro+
2022.07.05 16:33